**ଅମାନିଆ ଚାଳକଙ୍କ ଠାରୁ ଜରିମାନା ଆଦାୟ**

ବଅଁରପାଳ, (ସୁବାସ ସାହୁ): ନାଲ୍‌କୋ ଥାନା ପୂଜା ବଜାରରେ ଚେକିଂ କରୁଥିବା ପୋଲିସ ଜରିମାନା ଆଦାୟ କରିଛି। ୩ଜଣ ବିନା ହେଲମେଟରେ ବାଇକ୍ ଚଳାଇବା, ବାଇକ୍‌ରେ ଟ୍ରିପଲ ଲୋଡିଙ୍ଗରେ ଯାଉଥିବା ୫ଜଣ ଓ ଗାଡି ଚାଳନା ବେଳେ ମୋବାଇଲରେ କଥା ହେବାରୁ ଜଣେ ଏବଂ ନିଶାଶକ୍ତ ଅବସ୍ଥାରେ ଗାଡି ଚାଳନା କରୁଥିବା ୨ ଚାଳକଙ୍କୁ ନାଲ୍‌କୋ ଥାନା ଅଧିକାରୀ ପ୍ରଦୀପ ମହନ୍ତଙ୍କ ନିର୍ଦ୍ଦେଶ କ୍ରମେ ପାଟ୍ରୋଲିଂ ଟିମ୍ ଅଟକାଇ ୧୯ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।





ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଅବସରରେ କଲେଜ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ନିର୍ମିତ ମୂର୍ତ୍ତି ଓ ତୋରଣ।

# ପ୍ରକୃତି କୋଳରେ ପଦ୍ମାଳୟା

ଢେଙ୍କାନାଳ,୧୮।୧୦(ରତନ ନାୟାର)

- ଆକର୍ଷିତ କରୁଛି ଢେଙ୍କାନାଳ ଲକ୍ଷ୍ମୀପୂଜା
- ସାଜସଜ୍ଜାରେ ପୌରାଣିକ, ସାମାଜିକ କଥାବସ୍ତୁ
- ଶ୍ରଦ୍ଧାଳୁଙ୍କୁ କରୁଛି ସଚେତନ, ବଢ଼ାଉଛି ଭକ୍ତି ଭାବନା

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ଚଳିତବର୍ଷ ବେଶ୍ ଆକର୍ଷଣୀୟ ହୋଇଛି। ବିଭିନ୍ନ ପୂଜା ପ୍ରତିଷ୍ଠାନ ପକ୍ଷରୁ କରାଯାଇଥିବା ନିଆରା ପ୍ରୟାସ ଦେଖଣାହାରୀଙ୍କ ହୃଦୟ ଛୁଉଁଛି। ବିଶେଷକରି ଅନେକ ମଣ୍ଡପରେ ପୌରାଣିକ କଥାବସ୍ତୁକୁ ସାଜସଜ୍ଜାରେ ସ୍ଥାନିତ କରାଯାଇଥିବାବେଳେ ଏହା ଭକ୍ତଙ୍କ ମନରେ ଭକ୍ତିଭାବନା ବଢ଼ାଇବାରେ ସହାୟକ ହେଉଛି। ସେହିପରି କେତେକ ମଣ୍ଡପରେ ସାମାଜିକ ବାର୍ତ୍ତା ପ୍ରଦାନ କରୁଥିବା ଦୃଶ୍ୟ ସ୍ଥାନିତ କରାଯାଇଛି। କଲେଜ ବଜାର ପୂଜା ପ୍ରତିଷ୍ଠାନ, ବସ୍‌ଷ୍ଟାଣ୍ଡ ପୂଜା ପ୍ରତିଷ୍ଠାନ, ମହାବୀର ବଜାର ପୂଜା ପ୍ରତିଷ୍ଠାନ, ଜବାହାରଚୌକ ପୂଜା ପ୍ରତିଷ୍ଠାନ, ବାଜିଚୌକ ପୂଜା ପ୍ରତିଷ୍ଠାନ, ଚନ୍ଦନ ବଜାର ପୂଜା ପ୍ରତିଷ୍ଠାନ, ଗୋପବନ୍ଧୁ ବଜାର ପୂଜା ପ୍ରତିଷ୍ଠାନ ଓ ଷ୍ଟେଶନ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଏପରି କିଛି ଉଦ୍ୟମ କରାଯାଇଥିବା ଦେଖିବାକୁ ମିଳିଛି। ଏହାକୁ ସହରବାସୀ ବେଶ୍ ପସନ୍ଦ କରୁଛନ୍ତି। ସେହିପରି କେତୋଟି ପୂଜା କମିଟି ଐତିହ୍ୟକୁ ନେଇ ନିର୍ମାଣ କରିଥିବା ବିଶାଳ ତୋରଣ ଆକର୍ଷଣର ଅନ୍ୟତମ କେନ୍ଦ୍ରବିନ୍ଦୁ ହୋଇଛି। ପ୍ରକୃତି କୋଳକୁ ଓହ୍ଲାଇ ଆସିଥିବା ମା' ପଦ୍ମାଳୟାଙ୍କ ଏହି ପୂଜାର ୩ୟ ଦିନରେ ଢେଙ୍କାନାଳ ସହରରେ ଜନଗହଳି ଅତ୍ୟଧିକ ଭାବେ ବଢ଼ିଯାଇଛି। ଅପରାହ୍ନରୁ ସହର ଭିତରକୁ ଲୋକଙ୍କ ସୁଅ ଛୁଟିଥିବା ବେଳେ ମଣ୍ଡପଗୁଡ଼ିକ ନିକଟରେ ଅତ୍ୟଧିକ ଗହଳି ଦେଖିବାକୁ ମିଳିଛି।

## ପରିବେଶ ସୁରକ୍ଷା ପାଇଁ ସଚେତନତା

ଢେଙ୍କାନାଳର ମା' ସୁଦରଶୁଣୀ ଆସ୍ଥାନ କଲେଜ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ କିଛିବର୍ଷ ହେଲା ସାମାଜିକ ବାର୍ତ୍ତାକୁ ନେଇ ପୂଜା ମଣ୍ଡପକୁ ସାଜସଜ୍ଜା କରାଯାଉଛି। ଚଳିତବର୍ଷ ମଧ ପରିବେଶ ସୁରକ୍ଷା ଓ ପ୍ରଚଣ୍ଡ ରୌଦ୍ରତାପ ସହ ଅସହ୍ୟ ଗରମରୁ ରକ୍ଷା ପାଇଁ ଚାରାରୋପଣ ନିତ୍ୟାନ୍ତ ଅପରିହାର୍ଯ୍ୟ ବୋଲି ବାର୍ତ୍ତା ପ୍ରଦାନ କରି ମଣ୍ଡପକୁ ସାଜସଜ୍ଜା କରାଯାଇଛି। ଏହି ମଣ୍ଡପରେ ପ୍ରକୃତି କୋଳରେ ଜଳାଶୟ ମଧରେ ପଦ୍ମ ଫୁଲରେ ମା' ପଦ୍ମାଳୟା ବିରାଜମାନ କରିଛନ୍ତି। ସେହିପରି ପୂଜା ମଣ୍ଡପ ପ୍ରବେଶ ଦ୍ୱାରରେ ସୂର୍ଯ୍ୟ, ପୃଥିବୀ ଓ ବଣ ଜଙ୍ଗଲକୁ ନେଇ ସାଜସଜ୍ଜା ହୋଇଛି, ଯାହାକି ଜନସାଧାରଣଙ୍କୁ ବେଶ୍ ଆକୃଷ୍ଟ କରୁଛି।

## ମା'ଙ୍କ ମାନଭଞ୍ଜନ କରୁଛନ୍ତି ମହାପ୍ରଭୁ

ଢେଙ୍କାନାଳ ସହରର ପ୍ରମୁଖ ପୂଜା ପ୍ରତିଷ୍ଠାନ ମହାବୀର ବଜାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଚଳିତବର୍ଷ ପ୍ଲାଟିନମ୍ ଜୁବୁଲି ଉତ୍ସବକୁ ମହାସମାରୋହରେ ପାଳନ କରୁଛି। ଏ ବର୍ଷ ପୌରାଣିକ କଥାବସ୍ତୁକୁ ନେଇ ପୂଜା ମଣ୍ଡପକୁ ଆକର୍ଷଣୀୟ ଭାବରେ ସାଜସଜ୍ଜା କରାଯାଇଛି। ରଥଯାତ୍ରା ବେଳେ ମା' ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରେ ଛାଡି ମହାପ୍ରଭୁ ଶ୍ରୀ ଜଗନ୍ନାଥ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିବା ବେଳେ ନିଳାଦ୍ରୀ ବିଜେ ସମୟରେ ମାନ ମାରିଥିବା ମହାଲକ୍ଷ୍ମୀଙ୍କ ମାନଭଞ୍ଜନ ପାଇଁ ରସଗୋଲା ଖୁଆଉଥିବା ଦୃଶ୍ୟ ପୂଜା ମଣ୍ଡପରେ ପ୍ରଦର୍ଶିତ ହୋଇଛି। ସଂସ୍କୃତି, ପରମ୍ପରା ଓ ପୌରାଣିକ କଥାବସ୍ତୁକୁ ନେଇ ଏହି ଦୃଶ୍ୟ ଏକ ଆଧାତ୍ମିକ ଭାବାବେଗ ସୃଷ୍ଟି କରିଛି।



## ପାପମୁକ୍ତ ସମାଜ ସୃଷ୍ଟି କରିବା ନେଇ ବାର୍ତ୍ତା



ଢେଙ୍କାନାଳ ସହରର ବାଜିଚୌକ ପୂଜା ପ୍ରତିଷ୍ଠାନ ପକ୍ଷରୁ ପୂଜା ମଣ୍ଡପରେ ସାମ୍ପ୍ରତିକ ପରିସ୍ଥିତିକୁ ନେଇ ପାପମୁକ୍ତ ସମାଜ ସୃଷ୍ଟି କରିବା ନେଇ ବାର୍ତ୍ତା ପ୍ରଦାନ କରାଯାଇଛି। ମଣ୍ଡପରେ ଲକ୍ଷ୍ମୀ ନାରାୟଣଙ୍କ ବିଜେ ହୋଇଥିବା ବେଳେ କଲିକତାଠାରେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ଓ ଏହାପରେ ହୋଇଥିବା ପରିସ୍ଥିତିର ଦୃଶ୍ୟ ପ୍ରଦର୍ଶିତ ହେବା ସହିତ ଏହାକୁ ରୋକିବା, ପାପମୁକ୍ତ ହେବା ଓ ଆଧାତ୍ମିକ ଭାବ ଜାଗ୍ରତ କରିବା ନେଇ ମୁନିଋଷୀମାନଙ୍କ ଉପଦେଶ ପ୍ରଦର୍ଶିତ ହୋଇଛି।

## ମା' ଲକ୍ଷ୍ମୀଙ୍କ ରଥରେ ସାରଥି ବିଘ୍ନବିନାଶକ

ଢେଙ୍କାନାଳ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବର ୨ନଂ. ପୂଜା ପ୍ରତିଷ୍ଠାନ ଜବାହାରଚୌକ ପୂଜା ମଣ୍ଡପରେ ପ୍ରତିବର୍ଷ ବିଭିନ୍ନ ପୌରାଣିକ କଥା ଏବଂ ସଂସ୍କୃତି ଓ ପରମ୍ପରାକୁ ନେଇ ବାର୍ତ୍ତା ପ୍ରଦାନ କରୁଥିବା ଦୃଶ୍ୟ ପୂଜାମଣ୍ଡପର ସାଜସଜ୍ଜାରେ ପ୍ରଦର୍ଶିତ ହୋଇଥାଏ। ଚଳିତବର୍ଷ ମା' ମହାଲକ୍ଷ୍ମୀ ଧରାପୃଷ୍ଠକୁ ରଥରେ ଆସୁଥିବା ବେଳେ ଏହି ରଥର ସାରଥି ହୋଇଛନ୍ତି ବିଘ୍ନବିନାଶକ ଶ୍ରୀଗଣେଶ। ପୂଜା ମଣ୍ଡପର ଏହି ଆକର୍ଷଣୀୟ ସାଜସଜ୍ଜା ଜନସାଧାରଣଙ୍କୁ ବିମୋହିତ କରିଛି ।



## ଦୋଳି ଉପରେ ଲକ୍ଷ୍ମୀନାରାୟଣ

ଢେଙ୍କାନାଳ ଚନ୍ଦନ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଚଳିତବର୍ଷ ଦୋଳି ଉପରେ ଲକ୍ଷ୍ମୀ ନାରାୟଣ ବିଜେ ଦୃଶ୍ୟ ବେଶ୍ ଆକର୍ଷଣୀୟ ହୋଇଛି। ସଖିଙ୍କ ଗହଣରେ ମା' ଲକ୍ଷ୍ମୀ ଓ ନାରାୟଣ କୁଞ୍ଜବନରେ ଦୋଳି ଖେଳୁଥିବା ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଛି।



## ନୃସିଂହ ଅବତାରରେ ନାରାୟଣଙ୍କ ସହ ମା' ଲକ୍ଷ୍ମୀ




ଢେଙ୍କାନାଳ ସହର ଷ୍ଟେଶନ ବଜାର ପୂଜା ମଣ୍ଡପରେ ଚଳିତବର୍ଷ ମହାପ୍ରଭୁ ଶ୍ରୀନାରାୟଣଙ୍କର ନୃସିଂହ ଅବତାରରେ ହିରଣ୍ୟକସ୍ୟପ ବଧ ଦୃଶ୍ୟ ପ୍ରଦର୍ଶିତ ହୋଇଥିବା ବେଳେ ଶ୍ରୀନାରାୟଣଙ୍କ ସହିତ ମା' ଲକ୍ଷ୍ମୀ ଓ ଭକ୍ତ ପ୍ରହ୍ଲାଦ ରହିଥିବା ଦୃଶ୍ୟ ଜନସାଧାରଣଙ୍କୁ ବିମୋହିତ କରିଛି ।

## ମଣ୍ଡପ ସମ୍ମୁଖରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା



ଢେଙ୍କାନାଳ,୧୮।୧୦(ରତନ ନାୟାର)

ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ପୂଜା ମଣ୍ଡପରେ ଲକ୍ଷ୍ମୀ ନାରାୟଣଙ୍କ ବିଜେ ବେଶ୍ ଆକର୍ଷଣୀୟ ହୋଇଛି। ସେହିପରି ମଣ୍ଡପ ସାମ୍ନାରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀବଳରାମଙ୍କ ବିଶାଳ ମୂର୍ତ୍ତି ସମସ୍ତଙ୍କୁ ଆକର୍ଷିତ କରୁଛି। ମନ୍ଦିର ତଥା ପ୍ରାସାଦରେ ଶଖୀଙ୍କ ଗହଣରେ ପଦ୍ମଫୁଲରେ ଲକ୍ଷ୍ମୀ ନାରାୟଣଙ୍କ ବିଜେ ଏକ ଆଧାତ୍ମିକ ଭାବାବେଗ ପ୍ରଦାନ କରିଛି।

# ୨୧ରେ ମୁଖ୍ୟମନ୍ତ୍ରୀ ବୁଲିବେ ପୂଜାମଣ୍ଡପ

ଢେଙ୍କାନାଳ,୧୮।୧୦(ରତନ ନାୟାର)

ପ୍ରସିଦ୍ଧ ଢେଙ୍କାନାଳ ଲକ୍ଷ୍ମୀପୂଜା ଅବସରରେ ଆସନ୍ତା ୨୧ ତାରିଖ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଢେଙ୍କାନାଳ ଗସ୍ତରେ ଆସି ବିଭିନ୍ନ ପୂଜା ମଣ୍ଡପ ବୁଲି ମା' ଲକ୍ଷ୍ମୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବେ। ଏଥିସହିତ ସେ ପ୍ରମୁଖ ପୂଜା ପ୍ରତିଷ୍ଠାନ ମହାବୀର ବଜାରର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଆୟୋଜିତ ହେବାକୁ ଥିବା ପ୍ଲାଟିନମ ଜୁବୁଲି ସମାରୋହରେ ମୁଖ୍ଯ ଅତିଥି ଭାବେ ଯୋଗଦେବେ। ଏଥିପାଇଁ ଭାଜପା ପକ୍ଷରୁ ପ୍ରସ୍ତୁତି ଜୋର ଧରିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶୁକ୍ରବାର ସନ୍ଧ୍ୟାରେ ଢେଙ୍କାନାଳ ନଗର ମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ସ୍ଥାନିୟ ଦକ୍ଷିଣକାଳୀସ୍ଥିତ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ନବକିଶୋର ଗୁରୁ, ମାତୃ ପ୍ରସାଦ ନନ୍ଦ, ଶିବ ପ୍ରସାଦ ସାହୁ, ମହାବୀର ଯଶୋବନ୍ତ ମହିମା, ଲକ୍ଷ୍ମୀଧର ଦଳେଇ, ଅକ୍ଷୟ କୁମାର ମହାନ୍ତି, ନିରଦ କୁମାର ସାହୁ, ରୁଦ୍ର ନାରାୟଣ ତ୍ରିପାଠୀ, ସନ୍ତୋଷ ରାଉତ, ପଦ୍ମଭୂଷଣ ସାହୁ, ସତ୍ୟରଞ୍ଜନ ଭୂୟାଁ ଓ ରମେଶଚନ୍ଦ୍ର ସାମଲଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# ଆଜି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଢେଙ୍କାନାଳ ଗସ୍ତ

ଢେଙ୍କାନାଳ,୧୮।୧୦(ରତନ ନାୟାର)

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡା, ସଂସ୍କୃତି ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶନିବାର ଢେଙ୍କାନାଳ ଗସ୍ତରେ ଆସି ପ୍ରଥମେ ସକାଳ ୮ଟାରେ କପିଳାସ ପୀଠ ଯାଇ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କୁ ଦର୍ଶନ କରିବେ। ଏହାପରେ ଢେଙ୍କାନାଳ ସହରସ୍ଥିତ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଆୟୋଜିତ ହେଉଥିବା ୭ମ ଲୋକକଳା ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ପରେ ପରଜଙ୍ଗ, ଭୁବନ ଓ ଶହୀଦ ବାଜିରାଉତଙ୍କ ଜନ୍ମମାଟି ନୀଳକଣ୍ଠପୁର ଓ ମହିମାଗାଦୀ ଯୋରନ୍ଦାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଧ୍ୟାରେ ପଲ୍ଲିଶ୍ରୀ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ପରେ ଢେଙ୍କାନାଳ ଲକ୍ଷ୍ମୀପୂଜାର ବିଭିନ୍ନ ମଣ୍ଡପ ବୁଲି ମା'ଙ୍କ ଆଶୀର୍ବାଦ ଓ କୃପାଲାଭ କରିବେ ବୋଲି ଭାଜପା ପକ୍ଷରୁ ସୂଚନା ଦିଆଯାଇଛି ।

# ଦେଓଗାଁରେ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା



ଢେଙ୍କାନାଳ,୧୮।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଦେଓଗାଁ ମହାନ୍ତି ସାହିରେ ଗଜଲକ୍ଷ୍ମୀ ପୂଜାର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଶୁକ୍ରବାର ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ନବୀନ ନନ୍ଦ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ସନାତନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଗଁଦିଆ ବ୍ଲକ ଅଧକ୍ଷା ରୀନାରାଣି ଖଟୁଆ ଓ ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକ, ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଆଶିଷ ମିଶ୍ର ଓ ଦେଓଗାଁ ସରପଞ୍ଚ ବିଜୟ କୁମାର ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଭଜନ ସନ୍ଧ୍ୟାରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ଇପ୍‌ସିତା ମିଶ୍ର, ପ୍ରଶାନ୍ତ ପାଢ଼ୀ, ଡଲିରାଣୀ ବାରିକ ଓ ବସନ୍ତ କୁମାର ଶତପଥୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ।

# ବୀରତ୍ୱର ଗାଥା ବହନ କରି ଢେଙ୍କାନାଳ ମାଟି ଗର୍ବିତ

**୩୯ତମ ନଟରାଜ କୁମାରୋତ୍ସବ ଉଦ୍‌ଯାପିତ**

ଢେଙ୍କାନାଳ,୧୮।୧୦(ରତନ ନାୟାର)



ଢେଙ୍କାନାଳର ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ ନଟରାଜ ସଙ୍ଗୀତ ମହାବିଦ୍ୟାଳୟର ୩୯ତମ ନଟରାଜ କୁମାରୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଲେ ଯେ, ଢେଙ୍କାନାଳ ଜିଲାରେ ଅନେକ ବିଶେଷତ୍ୱ ରହିଛି । ସର୍ବକନିଷ୍ଠ ଶହୀଦ ବାଜି ରାଉତ ଏହି ମାଟିର ସନ୍ତାନ। ଅନେକ ବୀରତ୍ୱର ଗାଥା ବହନ କରି ଢେଙ୍କାନାଳ ମାଟି ସଦାସର୍ବଦା ଗର୍ବିତ। ଆଗାମୀ ଦିନରେ ଢେଙ୍କାନାଳକୁ ଭଲ ଶିଳ୍ପ ଆସିବ ଏବଂ ଢେଙ୍କାନାଳ ମଧ ସମୃଦ୍ଧ ହେବ। ଜିଲାର ଯୁବତୀ ଯୁବକମାନେ ଯେପରି ନିଯୁକ୍ତିର ସୁଯୋଗ ପାଇବେ, ସେଥିପାଇଁ ଆମେମାନେ ଚେଷ୍ଟା କରିବା ଜରୁରୀ । ଢେଙ୍କାନାଳ ମାଟି ପାଇଁ ଆମେ ସମସ୍ତେ ଏକାଠି ହୋଇ ଲଢ଼ିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ନାଟ୍ୟକାର ମନୋଜ କୁମାର ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂହଦେଓଙ୍କ ଉଦ୍ୟମରେ ପୂର୍ବରୁ ଠିକାରେ କାର୍ଯ୍ୟ କରୁଥିବା ବହୁ କଳାକାର ଆଜି ସ୍ଥାୟୀ ନିଯୁକ୍ତି ପାଇଛନ୍ତି ବୋଲି ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଢେଙ୍କାନାଳର କଳା ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ । ଉତ୍ସବରେ ସଭାପତିତ୍ୱ କରି ଅନୁଷ୍ଠାନର ସଭାପତି କୃଷ୍ଣ କୁମାର ମିଶ୍ର କହିଲେ ଯେ, ଓଡିଶୀ ନୃତ୍ୟଠାରୁ ଆଉ ଭଲ ନୃତ୍ୟ କିଛି ନାହିଁ। ଓଡ଼ିଶୀ ନୃତ୍ୟ ଆମର ସଂସ୍କୃତି ଓ ପରମ୍ପରା। ଏହାକୁ ବଜାୟ ରଖିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଚଳିତବର୍ଷ 'ଢେଙ୍କାନାଳ ଗୌରବ' ସମ୍ମାନରେ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, 'ଭରତମୁନି ନାଟ୍ୟ ସମ୍ମାନ'ରେ ବିଶିଷ୍ଟ ନାଟ୍ୟକାର ମନୋଜ କୁମାର ପଟ୍ଟନାୟକ, 'ଭରତମୁନି ନୃତ୍ୟ ସମ୍ମାନ'ରେ ବରିଷ୍ଠ ଓଡିଶୀ ନୃତ୍ୟଶିଳ୍ପୀ ବିଚିତ୍ରାନନ୍ଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଡ. ଗୋପିନାଥ ନନ୍ଦ ସ୍ମୃତି ସମ୍ମାନରେ କଣ୍ଠଶିଳ୍ପୀ ସୁଶ୍ରୀ ସୃଷ୍ଟିସ୍ୱରୁପା ମିଶ୍ର, ସଞ୍ଜୟ ସମ୍ମାନରେ ଗଣମାଧ୍ୟମର ପ୍ରତିନିଧି ସତ୍ୟ ସ୍ୱରୁପ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଅନୁଷ୍ଠାନର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚିତ କରିଥିଲେ । ଉପସଭାପତି ସତ୍ୟନାରାୟଣ କର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ମଧୁସୂଦନ ରାଉତ ବିବରଣୀ ପାଠ କରିଥିଲେ। ୩ ଦିନ ବ୍ୟାପୀ ଆୟୋଜିତ ଉତ୍ସବର ମଞ୍ଚକୁ ଅନୁଷ୍ଠାନର ସକ୍ରିୟ ସଦସ୍ୟ ସ୍ୱର୍ଗତ ଶରତ କୁମାର ମାଝୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପୂର୍ବକ ଉତ୍ସର୍ଗୀକୃତ କରାଯାଇଥିଲା। ବିଜ୍ଞାନ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଶେଷରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

**ଘରୁ ନାଗ ସାପ ଉଦ୍ଧାର**

ବଇଣ୍ଡା, (ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ଲୁହାମୁଣ୍ଡା ଗ୍ରାମର ବୁଦ୍ଧି ପ୍ରଧାନଙ୍କ ଘରୁ ଏକ ନାଗ ସାପକୁ ଶୁକ୍ରବାର ଉଦ୍ଧାର କରାଯାଇଛି। ଉକ୍ତ ସାପ ବୁଦ୍ଧିଙ୍କ ଘର ଭିତରକୁ ପଶି ଆସୁଥିବା ପରିବାର ଲୋକେ ଦେଖି ଭୟରେ ବାହାରକୁ ପଳାଇ ଆସିଥିଲେ। ଏ ନେଇ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦିଆଯାଇଥିଲା। ଖବରପାଇ ସିଦ୍ଧେଶ୍ୱର ବୁଦ୍ଧିଙ୍କ ଘରେ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ। ପରେ ହଣ୍ଡପା ବନ ବିଭାଗ ଜରିଆରେ ସାପଟିକୁ ଜଙ୍ଗଲରେ ଛଡା ଯାଇଥିଲା।

# ଅଧା ଉଠାଯାଉଛି, ଅଧା ପୋଡ଼ାଯାଉଛି

- ଅନୁଗୋଳରେ ସଫେଇର ବିଚିତ୍ର ଚିତ୍ର
- ସକାଳୁ ସହର ସାରା ଧୂଆଁର ବଳୟ
- ପୌରାଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ



ଅନୁଗୋଳ,୧୮।୧୦(ଜ୍ୟୋତିରଞ୍ଜନ ସାହୁ)

ସହର ସଫେଇ ବେଳେ ବାହାରୁଥିବା ଅଳିଆ ଆବର୍ଜନା ଡମ୍ପିଂୟାର୍ଡରେ ପକାଯିବାର ନିୟମ ରହିଛି। ହେଲେ ଅନୁଗୋଳ ପୌରାଞ୍ଚଳରେ ଏଥିରେ କିଛିଟା ବ୍ୟତିକ୍ରମ କରାଯାଉଥିବା ଅଭିଯୋଗ ହେଉଛି। ଏପରି କି ରାତିରେ ସହର ସଫେଇ ସମୟରେ କିଛି ଆବର୍ଜନା ରାସ୍ତା ପାର୍ଶ୍ୱରେ ପୋଡ଼ି ଦିଆଯାଉଥିବା ବେଳେ ଆଉକିଛି ଉଠାଯାଇ ଡମ୍ପିଂୟାର୍ଡକୁ ନିଆଯାଉଥିବା ଆଲୋଚନା ହେଉଛି। ରାତିରେ ରାସ୍ତା ପାର୍ଶ୍ୱରେ ଅଳିଆ ପୋଡ଼ାଯିବା ଦ୍ୱାରା ସକାଳେ ସହରରେ ଧୂଆଁର ବଳୟ ଦେଖିବାକୁ ମିଳୁଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସହରବାସୀଙ୍କ କହିବା ଅନୁଯାୟୀ, ପୌରାଞ୍ଚଳର ୨୩ଟି ୱାର୍ଡରେ ସଫେଇ କରିବା ପାଇଁ କର୍ମଚାରୀ ରହିଛନ୍ତି। ଏପରି କି ସକାଳ ସମୟରେ ଝାଡୁ ମାରି ସମସ୍ତ ଅଳିଆକୁ ଏକତ୍ର କରି ଟ୍ରାକ୍ଟର ଯୋଗେ ଡମ୍ପିଂୟାର୍ଡକୁ ନେବାର ବ୍ୟବସ୍ଥା ରହିଛି। ହେଲେ ବଜାର ଭିତରେ ସକାଳେ ଜନଗହଳି ରହୁଥିବାରୁ ରାତିରେ ସଫେଇ କରାଯାଇଥାଏ। କିନ୍ତୁ ବଜାର ସଫେଇ କରୁଥିବା କେତେଜଣ ସଫେଇ କର୍ମଚାରୀ ଅଳିଆ ଉଠାଇବା ପରିବର୍ତ୍ତେ ତାହାକୁ ଅଳ୍ପ ଅଳ୍ପ କରି ରାସ୍ତା ପାର୍ଶ୍ୱରେ ନିଆଁ ଲଗେଇ ଦେଉଛନ୍ତି। ବିଳମ୍ବିତ ରାତିରେ କେହି ଦେଖିବା ପାଇଁ ନ ଥିବାରୁ ସଫେଇ କର୍ମଚାରୀମାନେ ଏପରି କରୁଛନ୍ତି। ଫଳରେ ସହର ଧୂଆଁମୟ ହେବା ସହ ପରିବେଶ ପ୍ରଦୂଷିତ ହେଉଛି। ଏପରି କାର୍ଯ୍ୟ କରୁଥିବା ସମ୍ପୃକ୍ତ ସଫେଇ କର୍ମଚାରୀମାନେ କହିଛନ୍ତି, ବାବୁ କହିଥିବାରୁ ଏହା କରାଯାଉଛି। ଅଳିଆ ଅଧିକ ହେଉଥିବାରୁ ଅଳ୍ପ ଅଳ୍ପ କରିଚ ନିଆଁ ଲଗେଇ ଦିଆଯାଉଛି। ଏ ସମ୍ପର୍କରେ ପରିବେଶବିତ ସୁବ୍ରତ କୁମାର ପ୍ରଧାନ କହିଛନ୍ତି, ଅଳିଆ ଉଠାଇବାକୁ ପୌରପାଳିକାକୁ ଲୋକେ ଟିକସ ଦେଉଛନ୍ତି। ଏପରି ନିଆଁ ଲଗେଇବା ଏକପ୍ରକାର ଅପରାଧ। ୨୦୨୨ ଜୁଲାଇ ୧ ଠାରୁ କେନ୍ଦ୍ର ସରକାର ଏକକ ବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀର ବ୍ୟବସାୟ ଓ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। କିନ୍ତୁ ଅନୁଗୋଳ ସହରରେ ଏପରି କଟକଣାକୁ ପାଳନ କରାଯାଉ ନାହିଁ। ପ୍ଲାଷ୍ଟିକ ଆବର୍ଜନା ନିଆଁରୁ ବାହାରୁଥିବା ବିଷାକ୍ତ ଗ୍ୟାସ ବହୁ ରୋଗର କାରଣ ହେଉଛି। ପୌର ଅଧିକାରୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ନ ଥିଲି। ସହର ଭିତରେ ଅଳିଆରେ ନିଆଁ ଲଗାଉଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ୨୨, ୨୩ରେ ଖେଳାଳି ଚୟନ

ଅନୁଗୋଳ,୧୮।୧୦(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କ୍ରିକେଟ ସଂଘ ଆନୁକୂଲ୍ୟରେ ସିନିୟର କ୍ରିକେଟ ଖେଳାଳିଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପଞ୍ଜୀକୃତ ଖେଳାଳିମାନେ ଆସନ୍ତା ୨୨ ଓ ୨୩ ତାରିଖରେ ନିଜର ପାରଦର୍ଶିତା ଯେପରି ଦେଖାଇପାରିବେ ସେ ନେଇ ସୁଯୋଗର ବ୍ୟବସ୍ଥା ସଂଘ ପକ୍ଷରୁ କରାଯାଇଛି। ଜିଲାରେ ଥିବା ବିଭିନ୍ନ କ୍ରିକେଟ କ୍ଲବର ଖେଳାଳିମାନଙ୍କ ମଧ୍ୟରୁ ଉତ୍ତମ ଖେଳାଳିଙ୍କୁ ନେଇ ଜିଲାସ୍ତରୀୟ ଦଳ ଗଠନ କରାଯିବ। ଏହି ଦଳ ଓଡ଼ିଶା କ୍ରିକେଟ ସଂଘ ଅନୁକୂଲ୍ୟରେ ଆସନ୍ତା ୨୫ ତାରିଖରେ ଆରମ୍ଭ ହେବାକୁ ଥିବା ଆନ୍ତଃ ଜିଲା ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇବ। ଏଥିନିମନ୍ତେ ଇଚ୍ଛୁକ ଖେଳାଳିମାନେ ପ୍ରତିଦିନ ସକାଳ ୯ଟାରୁ ଅପରାହ୍ନ ୧ ଘଡିକା ପର୍ଯ୍ୟନ୍ତ ଜିଲା କ୍ରିକେଟ ସଂଘର କଦମ ପଡ଼ିଆସ୍ଥିତ କାର୍ଯ୍ୟାଳୟରେ ଉପସ୍ଥିତ ରହି ନାମ ପଞ୍ଜୀକରଣ କରିପାରିବେ। ଖେଳାଳିମାନଙ୍କ ନିକଟରେ ନିଜର ଆଧାର ପରିଚୟ ପତ୍ର ଓ ସ୍ଥାନୀୟ ପ୍ରମାଣପତ୍ର ଥିବା ଆବଶ୍ୟକ ବୋଲି ଜିଲା କ୍ରିକେଟ ସଂଘ ସମ୍ପାଦକ ସାଗରନାଥ ମିଶ୍ର ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

## ଲକ୍ଷ୍ମୀପୂଜା ଅବସରରେ ପ୍ରବଚନ କାର୍ଯ୍ୟକ୍ରମ



ବଇଣ୍ଡା, ୧୮।୧୦ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାର କଦଳୀମୁଣ୍ଡା ଠାରେ ଲକ୍ଷ୍ମୀପୂଜା ଅବସରରେ ଗୁରୁବାର ଠାରୁ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ପ୍ରବଚକ ମହେଶ ସାହୁ ଯୋଗଦେଇ ଉପସ୍ଥିତ ଅଞ୍ଚଳବାସୀଙ୍କୁ ପ୍ରବଚନ ଦେଉଥିବା ବେଳେ ମହିଳାମାନେ କିଭଳି ଲକ୍ଷ୍ମୀଙ୍କୁ ପୂଜା କଲେ ଧନ, ସୌଭାଗ୍ୟଯୁକ୍ତ ହେବେ ସେ ସମ୍ପର୍କରେ ଜଣାଇଥିଲେ। ଏଥିରେ ଚିନ୍ତାମଣ ସାହୁ ଓ ସହଯୋଗୀମାନେ ଉପସ୍ଥିତ ଥିବା ବେଳେ ପୂଜା କମିଟିର ଅଜିତ ପଟ୍ଟନାୟକ, ଅରବିନ୍ଦ ପ୍ରଧାନ, ସଞ୍ଜୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ୪୨ ୟୁନିଟ୍ ରକ୍ତ ସଂଗ୍ରହ

ବଇଣ୍ଡା, ୧୮।୧୦ (ପରିକ୍ଷିତ ସାହୁ)



ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବଡ଼ବର ଗ୍ରାମରେ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଦସ୍ୟ ଗୁକୁନା ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଶାନ୍ତ ସାହୁ, ସୁଶୀଲ ସାହୁ, ଚିକୁନ ପ୍ରଧାନ, ରାଜୁ ସାହୁ, ଓଁ ପ୍ରଧାନ, ଗୁଲୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମର ଯୁବତୀ ଯୁବକମାନେ ୪୨ ୟୁନିଟ୍ ରକ୍ତ ଦାନ କରିଥିଲା। ଅନୁଗୋଳ ବ୍ଲଡ୍ ବ୍ୟାଙ୍କ ଡାକ୍ତର କିଶୋର ଚନ୍ଦ୍ର ସାହୁ ରକ୍ତ ଚାପ ପରୀକ୍ଷା କରିଥିଲେ। ପୂଜା କମିଟି କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ଗଦି ଦୋକାନରେ ନିଆଁ

ଅନୁଗୋଳ,୧୮।୧୦ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହର ବୁଢ଼ୀ ଠାକୁରାଣୀ ଛକଠାରେ ଥିବା ଏକ ଗଦି ଦୋକନରେ ଗୁରୁବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଥିଲା। ପ୍ରାୟ ୫ଟି ଦୋକାନ ଜଳିଯାଇଥିବା ବେଳେ ୮ ଲକ୍ଷ ଟଙ୍କାର କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି। ପ୍ରକାଶ ଯେ, ଅନୁଗୋଳ ଉଚ୍ଚ ବିଦ୍ୟାଳୟ ନିକଟରେ ଦୀର୍ଘ ବର୍ଷ ହେଲା ୧୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଗଦି ଦୋକନ ଖୋଲି ବ୍ୟବସାୟ କରି ଆସୁଥିଲେ। ରାତି ପ୍ରାୟ ୨ଟାରେ ଏକ ଦୋକନରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଏହାପରେ ନିଆଁ କ୍ଷିପ୍ର ଗତିରେ ଅନ୍ୟ ଦୋକନକୁ ଡେଇଁ ପ୍ରାୟ ୫ଟି ଦୋକାନରେ ଥିବା ସମସ୍ତ ତୁଳା ଗଦି ପୋଡି ପାଉଁଶ ହେଇଯାଇଥିଲା। ଖବରପାଇ ଅଗ୍ନିଶମ ବାହିନୀର ୩ଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୨ଘଣ୍ଟାରୁ ଅଧିକ ସମୟ ପରିଶ୍ରମ କରିବା ପରେ ନିଆଁ ଲିଭିଥିଲା। ନିଆଁ କିପରି ଲାଗିଲା ତାହାର କାରଣ ଅସ୍ପଷ୍ଟ ରହିଛି।



## କୁଲାଡ଼ରେ ଜାକଜମକରେ ଲକ୍ଷ୍ମୀ ପୂଜା





ବଅଁରପାଳ,୧୮।୧୦ (ସୁବାସ ସାହୁ)

ବଅଁରପାଳ ବ୍ଲକ ଅନ୍ତର୍ଗତ କୁଲାଡ଼ ଗ୍ରାମରେ ବୁଧବାରଠାରୁ ଆରମ୍ଭ ହୋଇଛି ଗଜଲକ୍ଷ୍ମୀ ପୂଜା। ଏଥିପାଇଁ ନବବଧୂ ପରି ସଜେଇ ହୋଇଛି କୁଲାଡ଼ ଗ୍ରାମ। ବୁଧବାର ସନ୍ଧ୍ୟାରେ ଗ୍ରାମ ପୋଖରୀରୁ କଳସରେ ପାଣି ଅଣାଯିବା ପରେ ରାତି ୯ଟାରୁ ପାରମ୍ପରିକ ରୀତିରେ ପୂଜା ଆରମ୍ଭ ହୋଇଥିଲା। ମନ୍ତ୍ରପାଠ ଓ ଲକ୍ଷ୍ମୀ ପୁରାଣରେ ପୂଜା ମଣ୍ଡପଗୁଡିକ କମ୍ପି ଉଠୁଥିବା ବେଳେ ସବୁଠି ଉତ୍ସାହ ଓ ଉଦ୍ଦୀପନା ଭରିଯାଇଛି। ଚଳିତବର୍ଷ ମୋଟ ୧୦ଟି ମଣ୍ଡପରେ ମା' ଅନ୍ନଦାତ୍ରୀଙ୍କୁ ଆବାହନ କରାଯାଇଛି। ଆଲୋକମାଳାରେ ଝଲସୁଛି କୁଲାଡ଼ ଗ୍ରାମ। ଚଳିତବର୍ଷ କୁଲାଡ଼ ଛକ, ବିଗପଣ୍ଡ, ବ୍ରାହ୍ମଣୀଦେବୀ ସାହି, ବାବାସ କ୍ଲବ, ଫ୍ରେଣ୍ଡସ କ୍ଲବ, ଆଲୁମିନିୟମ ହାଇସ୍କୁଲ, ବଣିକ ସଂଘ, ପ୍ରିନ୍ସ କ୍ଲବ ଆଦି ମଣ୍ଡପରେ ପୂଜା ପାଉଛନ୍ତି ମା' ଅନ୍ନଦାତ୍ରୀ। ଅନ୍ୟପକ୍ଷରେ ମା' ଗଜଲକ୍ଷ୍ମୀ ପୂଜାରେ ଆଇନଶୃଙ୍ଖଳା ବ୍ୟବସ୍ଥାର ତଦାରଖ କରିଛନ୍ତି ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ରାୟ ଗୁରୁ। ଏଥିସହିତ ଟ୍ରାଫିକ ନିୟନ୍ତ୍ରଣ କକ୍ଷକୁ ଯାଇ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି।

## ପ୍ଲାଣ୍ଟ ଦୁର୍ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି

ଅନୁଗୋଳ,୧୮।୧୦(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଥିବା ଜିନ୍ଦଲ ପ୍ଲାଣ୍ଟରେ ଗତ ୧୪ ତାରିଖରେ ଘଟିଥିବା ଦୁର୍ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବିକରିଛିଜିଲା କଂଗ୍ରେସ। ଶୁକ୍ରବାର ବଅଁରପାଳ ବ୍ଲକ ବେଣାଗାଡିଆ ଶନି ମନ୍ଦିରଠାରେ ଜିଲା କଂଗ୍ରେସ ପକ୍ଷରୁ ଏକ ବୈଠକରେ ଏହି ଦାବି ଉପସ୍ଥାପନ କରାଯାଇଛି। କଂଗ୍ରେସ ନେତ୍ରୀ ସସ୍ମିତା ବେହେରା ଏଥିରେ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ସଦସ୍ୟ ସରୋଜ ପ୍ରଧାନ ପରିଚାଳନା କରିଥିଲେ। କଂଗ୍ରେସ ନେତା ଦିଗାମ୍ବର ଗଡନାୟକ, ଜୟନ୍ତ ସାହୁ, ବିଜୟ ରଞ୍ଜନ ଚଉଳିଆ, ପ୍ରବୋଧ କୁମାର ସ୍ୱାଇଁ, ସୁଦୀପ ମିଶ୍ର, ଜିତେନ୍ଦ୍ର ସାହୁ, ରଶ୍ମି ରଞ୍ଜନ ସାହୁ, ଟିକନ ବେହେରା, ଜଗଦାନନ୍ଦ ପ୍ରଧାନ, ଦେବାଶିଷ ଘୋଷ ପ୍ରମୁଖ ଯୋଗଦେଇ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ। ଏପରି କି ଆଗାମୀ ଦିନରେ ଦଳ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିଲେ।



କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ନେତୃବୃନ୍ଦ।

## ସେବାୟତ ବାଲିଆ ମହାପାତ୍ରଙ୍କ ପରଲୋକ

ସାତମାଇଲ, ୧୮।୧୦ (ସୁଶାନ୍ତ ପତି)



ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ପାଇକପୁରୁଣାକୋଟ ପଞ୍ଚାୟତ କଙ୍କାଳୁର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ମାତଳେଶ୍ୱର ମହାଦେବଙ୍କ ସେବାୟତ ବାଲିଆ ମହାପାତ୍ର (୬୫)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସକାଳୁ ସେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ମେରାମଣ୍ଡଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ଡାକ୍ତର ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଅନୁଗୋଳ ମେଡିକାଲରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେବାୟତ ମହାପାତ୍ରଙ୍କ ପରଲୋକ ଖବର ଜଣାପଡ଼ିବା ପରେ ଗାଁରେ ଶୋକର ଛାୟା ଖେଳିଯାଇଥିଲା। ଲିଙ୍ଗରା ଯୋର କୂଳ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ଦୁଷ୍ମନ୍ତ ମୁଖାଗ୍ନି ଦେଇଥିଲେ। ପାଇକପୁରୁଣାକୋଟ ସରପଞ୍ଚ ପ୍ରତାପ ଚନ୍ଦ୍ର ପ୍ରଧାନ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ନିଖୋଜ ପୁଅକୁ ଫେରାଇ ଆଣିବାକୁ ନିବେଦନ

ଆଠମଲ୍ଲିକ, ୧୮।୧୦(ଉଦୀପ୍ତ ପୁରୋହିତ)

**ଉପଖଣ୍ଡ ପ୍ରଶାସନର ଦ୍ୱାରସ୍ଥ ହେଲେ ମା'**

ମାନସିକ ଅସୁସ୍ଥ ଥିବା ପୁଅ ନିଖୋଜ ହେବାର ୭/୮ ବର୍ଷ ହୋଇଯାଇଥିଲେ ମଧ୍ୟ ଫେରିବାର ଆଶା ଛାଡ଼ି ନ ଥିବା ମା' ଶୁକ୍ରବାର ଅନୁଗୋଳ ଜିଲା ଆଠମଲ୍ଲିକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ପୁଅ ନାମରେ ଆସିଥିବା ଏକ ଆଧାରକାର୍ଡର ଫୋନ ନମ୍ବରରୁ ପୁଅର ଠିକଣା ମିଳିବାର ସମ୍ଭାବନା ନେଇ ୬ ନମ୍ବର ୱାର୍ଡ ପୁଲେଶ୍ୱର ଗ୍ରାମର ଲକ୍ଷ୍ମୀ ବେହେରା ଉପଜିଲାପାଳ ଡ. ପ୍ରଭୁ ପୀୟୂଷ ମହାପାତ୍ରଙ୍କୁ ନିବେଦନ କରିଛନ୍ତି।

ଦାବିପତ୍ରରେ ଲକ୍ଷ୍ମୀ ଦର୍ଶାଇଛନ୍ତି, ୭/୮ ବର୍ଷ ତଳେ ମସ୍ତିଷ୍କ ଜନିତ ଅସୁସ୍ଥ ଥିବା ପୁଅ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ବହୁ ଖୋଜାଖୋଜି ପରେ ପରିବାର ଲୋକେ ପୋଲିସରେ ଅଭିଯୋଗ କରିଥିଲେ ବି କିଛି ସୁଫଳ ପାଇ ନ ଥିଲେ। ହେଲେ ଗତ ୧୭ ତାରିଖରେ ନିଖୋଜ ଥିବା ପୁଅ ନାମରେ ଏକ ଆଧାର କାର୍ଡ ଡାକ ବିଭାଗ ଆଣି ଘରେ ଦେଇଥିଲେ। ଉକ୍ତ ଆଧାରକାର୍ଡରେ ଥିବା ଫୋନ ନମ୍ବରରେ ପରିବାର ସଦସ୍ୟ ଯୋଗାଯୋଗ କରିବାରୁ ତାହା ଦିଲ୍ଲୀର ନମ୍ବର ବୋଲି ଜଣା ପଡ଼ିଥିଲା। ହେଲେ ପୁଅ ବିଷୟରେ ସେଥିରୁ ସୂଚନା ମିଳି ନ ଥିଲା। ହେଲେ ଆଧାର କାର୍ଡ ନିଖୋଜ ପୁତ୍ର ନାମରେ ଆସିଥିବାରୁ ନିଶ୍ଚିତ ତାଙ୍କ ପୁଅ ମିଳିଯିବ ବୋଲି ଭାବି ଲକ୍ଷ୍ମୀ ସ୍ଥାନୀୟ ଉପଜିଲାପାଳ ମହାପାତ୍ରଙ୍କ ସହାୟତା ଲୋଡ଼ିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଉକ୍ତ ୱାର୍ଡର କାଉନସିଲର ନୂତନ ବେହେରା ଉପସ୍ଥିତ ଥିଲେ। ନିଖୋଜ ଯୁବକକୁ ଆଣିବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଉପଜିଲାପାଳ ମହାପାତ୍ର ପ୍ରକାଶ କରିଛନ୍ତି।



## ରାଜ୍ୟସ୍ତରୀୟ ପାଲଲହଡ଼ା ଫୁଟ୍‌ବଲ କପ୍ ଉଦ୍‌ଘାଟିତ



ପାଲଲହଡା,୧୮।୧୦ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡା ଷ୍ଟାଡିୟମ ଠାରେ ପାଲଲହଡ଼ା ଫୁଟବଲ ଆସୋସିଏଶନ ଦ୍ୱାରା ଆୟୋଜିତ ୩୬ ତମ ରାଜ୍ୟସ୍ତରୀୟ ପାଲଲହଡା ଫୁଟ୍‌ବଲ କପ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁ, ନିଜିଗଡ଼ ସମିତିସଭ୍ୟା ଗୌରୀ ହାଇବ୍ରୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ କଟକ ଏବଂ ସମ୍ବଲପୁର ଟିମ୍ ମଧ୍ୟରେ ଖେଳାଯାଇଥିବା ବେଳେ କଟକ ଦଳ ୩-୨ ଗୋଲରେ ସମ୍ବଲପୁରକୁ ପରାସ୍ତ କରି ସେମିଫାଇନାଲ ଖେଳିବାକୁ ଉନ୍ନୀତ ହୋଇଛି। ରେଫରି ଭାବେ ଦିଲୀପ ରାଉତ, ସଲିଲ ବେହେରା, ଜିତେନ୍ଦ୍ର କୁମାର ରାଉତ ଓ ଭୋଳେଶ୍ୱର ଗାଗରାଇ ଖେଳ ପରିଚାଳନା କରିଥିବା ବେଳେ ପାଲଲହଡା କପର ଅଧ୍ୟକ୍ଷ ସୁଧାଂଶୁ କପରଦାର, ସଭାପତି ରଘୁନନ୍ଦନ ଆଚାର୍ଯ୍ୟ, ସମ୍ପାଦକ ଆଶିଷ ସାମଲ, କୋଷାଧ୍ୟକ୍ଷ ଅଭୟ ନାଏକ, ଯୁଗ୍ମ ସମ୍ପାଦକ ଈଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ବରିଷ୍ଠ ସଦସ୍ୟ ହରିହର ବେହେରା, ନରେନ୍ଦ୍ର ଭୁକ୍ତା, ବିଷ୍ଣୁ ପ୍ରସାଦ ଦାସ, ମନୋଜ ରଞ୍ଜନ ପ୍ରଧାନ, ବସନ୍ତ ବେହେରା, ହିମାଂଶୁ ନହରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ୩ ଚାଳକ ଗିରଫ, ବାଇକ୍ ଜବତ

ବଇଣ୍ଡା, ୧୮।୧୦ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ପୋଲିସ ଗୁରୁବାର ରାତିରେ ହଣ୍ଡପା ଅଞ୍ଚଳରେ ଗାଡିମୋଟର ଯାଞ୍ଚ କରିଥିବା ବେଳେ ଉଭୟ ପାର୍ଶ୍ୱ ଆସୁଥିବା ସମସ୍ତ ବାଇକ୍ ଯାଞ୍ଚ କରିଥିଲା। ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଲାଉଥିବା ଅଭିଯୋଗରେ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ସାନ ଗୋବିନ୍ଦପୁର ଅଞ୍ଚଳର ଶରତ ସାହୁ, ପ୍ରତାପପୁର ଅଞ୍ଚଳର ଚିତ୍ତରଞ୍ଜନ ସାହୁ, ଗୁଣ୍ଡୁରିମୁଣ୍ଡା ଗ୍ରାମର ଲକ୍ଷ୍ମଣ ବେହେରା। ଏଥିସହ ସେମାନଙ୍କର ୩ଟି ବାଇକ୍‌କୁ ଜବତ କରାଯାଇଛି। ଏ ନେଇ ୩ଟି ମାମଲା ରୁଜୁ କରାଯାଇଛି।

## ମାଧପୁରରେ ଜମୁଛି ଚୌରାଶି ମହାଲକ୍ଷ୍ମୀ ପୂଜା

ମାଧପୁର,୧୮।୧୦ (ମନୋଜ ପ୍ରଧାନ)



ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅଧୀନ ଚୌରାଶି ପ୍ରଗଣାର ମାଧପୁର ବଜାରରେ ମହାଆଡ଼ମ୍ବରରେ ଆରମ୍ଭ ହୋଇଛି ୫୭ତମ ଚୌରାଶି ମହାଲକ୍ଷ୍ମୀ ପୂଜା। ଏହି ଉପଲକ୍ଷେ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଗତ ୧୫ ତାରିଖ କଳସ ଯାତ୍ରା ପରେ ରୀତିନୀତି ଅନୁସାରେ ପୂଜକ ବନମାଳୀ ପ୍ରହରାଜ ଓ ଦାଶରଥୀ ପ୍ରହରାଜ ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ଦୈନିକ ସକାଳେ ସୂର୍ଯ୍ୟପୂଜା ଅନୁଷ୍ଠିତ ହେଉଥିବା ବେଳେ ଚଳିତବର୍ଷ ରାଧେଶ୍ୟାମ ପ୍ରଧାନ କର୍ତ୍ତା କାର୍ଯ୍ୟ ତୁଲାଉଛନ୍ତି। ୧୬ ତାରିଖ ବୁଧବାର ସ୍ଥାନୀୟ କଳାକାରଙ୍କୁ ନେଇ ମଧୁର ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଗୁରୁବାର କୃଷ୍ଣପ୍ରିୟା କଳା ପରିଷଦ, ତୁଷୁରାଙ୍କ ଦ୍ୱାରା ଘୁଡୁକା ନାଚ ପରିବେଷଣ ହୋଇଥିବା ବେଳେ ୧୮ ତାରିଖରେ ମା' କାଳିକା ନାଟ୍ୟ ସଂସଦ ରମାବିଲ ନୟାଗଡ଼ ପକ୍ଷରୁ ଇନ୍ଦ୍ରଜିତ ବଧ, ୧୯ ତାରିଖରେ ଲବକୁଶ ଜନ୍ମ ପରିବେଷଣ ହେବ। ୨୦ ତାରିଖ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ମା' ଭଗବତୀ କଳା ପରିଷଦ ଢୁଙ୍ଗୁରିପାଲି ପକ୍ଷରୁ ଜଳନ୍ଧର ଦରବାର ସହ ଜଳନ୍ଧର ବଧ ପରିବେଷଣ କରାଯିବ। ୨୬ ତାରିଖରେ ମା' ମାହେଶ୍ୱରୀ ନାଟ୍ୟ ସଂସଦ, ମୁଣ୍ଡଳି ଓ ଶ୍ରୀକାକୁଲମ ଆନ୍ଧ୍ରପ୍ରଦେଶର କଳାକାରଙ୍କ ସହ ଗାୟିକା ଜାନକୀ ପଣ୍ଡାଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଓ ୨୭ ତାରିଖରେ ମେଲୋଡି ରୁମକୁଝୁମାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୮ ତାରିଖରେ ପୂର୍ଣ୍ଣାହୁତି, ହରିହାଟ ଓ ଭସାଣି ଶୋଭାଯାତ୍ରା ଧୁମଧାମରେ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟେକ ଦିନ ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ହୋଇଛି।

## ମାତାପିତାଙ୍କୁ ମାଡ଼ ଅଭିଯୋଗ

ଛେଣ୍ଡିପଦା,୧୮।୧୦ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ହଟିଆନାଳୀ ଗ୍ରାମର ହରି ମାଝୀ ଓ ତାଙ୍କ ସ୍ତ୍ରୀ ଜେମା ମାଝୀଙ୍କୁ ତାଙ୍କ ପୁଅ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ହରି ଓ ଜେମା ସନ୍ଧ୍ୟାରେ ଘରେ ବସିଥିବାବେଳେ ପୁଅ ଅନନ୍ତ ମାଝି ଘରକୁ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଏକ ଲୁହା ପାଇପ୍‌ରେ ମା' ଜେମାଙ୍କ ମୁଣ୍ଡକୁ ପିଟିଦେଇଥିଲେ। ବାପା ହରିଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଉଭୟଙ୍କୁ ପୁତୁରାମାନଙ୍କ ସହାୟତାରେ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଆହତ ମାତାପିତା ଥାନାର ଦ୍ୱାରସ୍ଥ ହେବା ସହିତ ପୁଅ ନାମରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ନଂ ୩୧୬/୨୪ରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି।

## କାରିଗରପଡ଼ାରେ କୁମାର ଉତ୍ସବ ଉଦ୍‌ଯାପିତ

ତାଳଚେର,୧୮।୧୦(ମନୋଜ ନନ୍ଦ)



ତାଳଚେର କାରିଗରପଡ଼ା ଯୁବକ ସଂଘ ପକ୍ଷରୁ କୁମାର ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ୪ ଦିନ ଧରି ବିଭିନ୍ନ ଖେଳକୁଦ ସହିତ ହୁଳହୁଳି, ପୁଚି, ଦଉଡିଡିଆଁ, ଦୌଡ଼, ଶଙ୍ଖଫୁଙ୍କା, ନୃତ୍ୟ, ସଙ୍ଗୀତ, ବକ୍ତୃତା, ହସ୍ତାକ୍ଷର, ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା କରାଯାଇଥିଲା। ଶତାଧିକ ପ୍ରତିଯୋଗୀଙ୍କ ମଧ୍ୟରୁ କୃତିତ୍ୱ ହାସଲ କରିଥିବା ପ୍ରତିଭାବାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ସଭାପତି ସୁମିତି ସାହୁଙ୍କ ସଭାପତିତ୍ୱରେ ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନଗରପାଳ ପବିତ୍ର ଭୂତିଆ ଯୋଗଦେଇ କାରିଗରପଡ଼ାର ଏହି କଳା, ସଂସ୍କୃତି ଓ ପରମ୍ପରା ଆଧାରିତ କାର୍ଯ୍ୟକ୍ରମ ପରମ୍ପରା ବଜାୟ ରଖିବା ସହିତ ଅଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଆଗକୁ ଆଣି ତାଳଚେରକୁ ଗୌରବାନ୍ୱିତ କରିବାରେ ସହାୟକ ହୋଇଥିବା ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ରଶ୍ମି ରଞ୍ଜନ ମିଶ୍ର, ଅନ୍ୟତମ ଅତିଥି ଭାବେ ପୂର୍ବତନ କାଉନସିଲର ଜିତେନ୍ଦ୍ର ଦାସ ଯୋଗ ଦେଇଥିଲେ। କେତେଜଣ ବରିଷ୍ଠ ନାଗରିକ ଓ ଅନୁଷ୍ଠାନର ପୁରାତନ ସଦସ୍ୟ ତପନ କୁମାର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କରୁଣାକର ବାଇ ମଞ୍ଚ ପରିଚାଳନା କରିଥିବା ବେଳେ କାରିଗରପଡ଼ା ଯୁବକ ସଂଘ ଗଣେଶ ପୂଜା କମିଟି ସଭାପତି ପ୍ରୀତେଶ ପଟ୍ଟନାୟକ, କାଉନସିଲର ସନ୍ତୋଷ ବେହେରା ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାନା ମହାପାତ୍ର, ଧୀରେନ ମୋହରଣା, ବିଜୟ ସାହୁ, ବାବୁନା ମହାରଣା, ପିଣ୍ଟୁ ସାହୁ, ଟୁନା ମହାପାତ୍ର, ମାନସ ମହାରଣା, କମଳ ପଟ୍ଟନାୟକ, ରାଖାଲ ମହାପାତ୍ର, ସିପୁନ ସାହୁଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ସହଯୋଗ କରିଥିଲେ।

